# "କୁଚିପାଲିର ଜୁଗାର୍ ଯାତ୍ରା" ଏକ ଅନନ୍ୟ କାଳୀପୂଜା:

ଶ୍ରୀମତୀ ସଙ୍ଗୀତା ରାଣୀ ମିଶ୍ର

ଶ୍ରୀ ସମରେନ୍ଦ୍ର ନାଥ ପଣ୍ଡା

ଶାରଦୀୟ ଏବଂ ବାସନ୍ତୀକ ଦୁର୍ଗା ପୂଜା ବ୍ୟତୀତ ମାଁ କାଳୀଙ୍କ ର ପୂଜା ହୁଏ କାର୍ତ୍ତିକ ଅମାବାସ୍ୟା ତିଥି ନିଶାର୍ଦ୍ଧରେ । ନିଜକୁ କୁସଂସ୍କାର, ଅନୀତି ରୁ ଉର୍ଦ୍ଧ୍ୱକୁ ନେଇ ମାଁଙ୍କ ଆଶିଷ ପାଇବା ପାଇଁ ଭକ୍ତ ମାନେ କାୟ ମନୋବାକ୍ୟରେ ପୂଜା କରନ୍ତି ମାଁ କାଳୀଙ୍କୁ । ଅତି ପବିତ୍ରତା ଏବଂ ଏକାଗ୍ରତା ର ସହ ମାଁ କାଳୀଙ୍କୁ ସନ୍ତୁଷ୍ଟ କରି ଭକ୍ତ ଆଧ୍ୟାତ୍ମିକତାର ଶୀର୍ଷରେ ପହଞ୍ଚିବା ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ । ସମସ୍ତ ପ୍ରକାର ନକାରାତ୍ମକ ମାନସିକତା କୁ ତ୍ୟାଗ କରି ସ୍ୱର୍ଗୀୟ ଆନନ୍ଦ ପାଇବା ପାଇଁ ଯୁଗେ ଯୁଗେ ମାଁଙ୍କ ପୂଜା ଓ ଆରାଧନା କରି ଆସିଛି ଭକ୍ତ । ମାତ୍ର ପଶୁବଳି , ସା–ଦାୟିକତା, ଜାତିଆଣଭାବ ଆମର ସୁସ୍ଥ ସଂସ୍କୃତି ର ପରିପନ୍ଥୀ ପରି ମନେ ହୁଏ ।

ବରଗଡ଼ରୁ ଛଅ ନମ୍ବର ଜାତୀୟ ରାଜ ପଥରେ ସୋହେଲା ପର୍ଯ୍ୟନ୍ତ ଯାଇ ସେଠାରୁ ପଦ୍ମପୁର ସଂଯୋଗ କରୁଥିବା ରାଜ୍ୟ ରାଜପଥରେ ବାଇଶ କିଲୋମିଟର ରେ ଶହୀଦ୍ ମାଟି ଘେଁସ୍ ଅବସ୍ଥିତ । ସ୍ୱାଧୀନତା ସଂଗ୍ରାମରେ ଏ ମାଟିର ଜମିଦାର ପରିବାରର ବଳିଷ୍ଠ ଯୋଗଦାନ ଓ ବଳିଦାନ ର ର ସ୍ମାରକୀ ଶହୀଦ ସ୍ତମ୍ଭ ଜୀବନ୍ତ ମୁଦ୍ରାରେ ଦଣ୍ଡାୟମାନ । ଶହୀଦ ସ୍ତମ୍ଭଟି ସ୍ମରଣ କରେ ହଟେ ସିଂ , କୁଞ୍ଜଲ୍ ସିଂ ବୈରୀ ସିଂ,ଇତ୍ୟାଦି ବୀର ପୁରୁଷଙ୍କ ବୀରତ୍ୱର ଗାଥା । ସେଇଠୁ ମାତ୍ର ଦେଢ କିଲୋମିଟର ଆଗକୁ ରହିଛି କୁଚିପାଲି ଗାଁ । ଗମନାଗମନର ସୁବ୍ୟବସ୍ଥା ହେତୁ ଏହି ଗ୍ରାମର ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଦୃଢତାର ପରିଚୟ ଦିଏ ।

ଏକ ଅନନ୍ୟ ଓ ବଳିଷ୍ଠ ସଂସ୍କୃତି ମାଧ୍ୟମରେ ଆଜି ନିଜ ପାଇଁ ପରିଚୟ ସୃଷ୍ଟି କରି ପାରିଛି କୁଚିପାଲି ଗାଁ । ବଳିପ୍ରଥା ର ବିରୋଧ ବ୍ୟତିରେକ ସମାଜରେ ସାଂପ୍ରଦାୟିକ ସଦ୍‌ଭାବ ଓ ଜାତି ଧର୍ମ ବର୍ଣ୍ଣ ଅଭିନ୍ନରେ ଭାତୃତ୍ୱଭାବର ସୁସ୍ଥ ବାତାବରଣ ସୃଷ୍ଟି କରି ପାରିଛି ଏହି ଗାଁ ।

ମାଁଙ୍କ ସ୍ୱପ୍ନାଦେଶ କ୍ରମେ ଗାଁର ସର୍ବଶ୍ରୀ ସ୍ୱର୍ଗତ ଶ୍ରୀବତ୍ସ ସା, ସ୍ୱର୍ଗତ ରାମ ପ୍ରସାଦ ଅଗ୍ରୱାଲ,ସ୍ୱର୍ଗତ ଚତୁର୍ଭୁଜ ଚୌଧୁରୀ, ସ୍ୱର୍ଗତ ରାମଚନ୍ଦ୍ର ମେହେର, ସ୍ୱର୍ଗତ ଅନନ୍ତରାମ ଚୌଧୁରୀ ସ୍ୱର୍ଗତ ରଙ୍କ ମଣି ମାଝୀ, ଶ୍ରୀ ଜଗଦିଶ ପ୍ରଧାନ, ଶ୍ରୀ ନବୀନ ସାହୁ, ଶ୍ରୀ ଧନପତି ସା, ଶ୍ରୀ ରମେଶ ବେହେରା, ଶ୍ରୀ ମୋହନ ଚୌହାନ, ଅହମ୍ମଦ ମହମ୍ମଦ, ଶ୍ରୀ ଶଙ୍କର ଲାଲ ମାଝୀ, ଶ୍ରୀ ଧନପତି ସାହୁ ପ୍ରମୁଖ ବ୍ୟକ୍ତି ସମୂହଙ୍କ ପ୍ରଚେଷ୍ଟାରେ ୧୯୮୫ ମସିହାରୁ ବଳିପ୍ରଥା ର ବିରୋଧ କରାଯାଇ ମାଁଙ୍କ ଠାରେ ଜୁଗାର ଅର୍ପଣ କରିବାର ଏକ ନିଆରା ପର– ରା ସୃଷ୍ଟି କରାଯାଇଥିଲା । ଅନେକ ବର୍ଷ ଧରି ମାଁଙ୍କ ଠାରେ ଗୋଟିଏ ମାତ୍ର ଜୁଗାର ସମର୍ପିତ ହୋଇ ଆସୁଥିଲା, ମାତ୍ର ୧୯୯୬ ମସିହାରେ ମାଁଙ୍କ ଠାରେ ମାନସିକ କରି ତତ୍ ପରବର୍ତ୍ତୀ ବର୍ଷ ପୁତ୍ର ସନ୍ତାନ ଲାଭ କରି ପାରିଥିବା ଶ୍ରୀ ଶୁକ ମେହେର ୧୯୯୭ ମସିହାରେ ମାଁଙ୍କ ଠାରେ ଏକ ଜୁଗାର (ବଦିଆଁ ଜୁଗାର୍) ଅର୍ପଣ କରିଥିଲେ । ମାଁଙ୍କ ଏପରି ମହିମା ପ୍ରଚାରିତ ହେବା ପରେ ପରେ କେବଳ ଦର୍ଶକଙ୍କ ସଂଖ୍ୟା ନୁହେଁ ବରଂ ଭକ୍ତଙ୍କ ସୁଅ ଛୁଟିଲା ଗାଁ କୁ । ଗୋଟିଏ ଦୁଇଟି ଜୁଗାର ବଦଳରେ କ୍ରମେ ମାଙ୍କ ଠାରେ ସମର୍ପିତ ହେଲା ଶହ ଶହ ସଂଖ୍ୟାରେ ଜୁଗାର । ଉକ୍ତ

ଜୁଗାର୍ ଗୁଡ଼ିକ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ପଡୋଶୀ ରାଜ୍ୟ ଛତିଶ ଗଡ୍ ,ମଧ୍ୟ ପ୍ରଦେଶ ରୁ ଆସିଥାଏ । ଏହା ସୂଚାଏ ମାଁଙ୍କ ଲୋକପ୍ରିୟତା ଓ ଲୋକଙ୍କ ମନରେ ମାଁଙ୍କ ପ୍ରତ୍ୟକ୍ଷ କରୁଣାର ଭାବ । ଜାତି ଧର୍ମ ,ବର୍ଣ୍ଣ, ବୃତ୍ତି ନିର୍ବିଶେଷରେ ସମସ୍ତେ ସମାନ ଭାବରେ ଗଣା ହୁଅନ୍ତି ସମାନ ଭାବରେ । ଗାଁର ପୂଜା କମିଟି ରେ ଦୀର୍ଘ ୧୪ ବର୍ଷ ସଭାପତି ଭାବରେ ରହି ଆସିଥିବା ମୁସଲ୍‌ମାନ୍ ସଂପ୍ରଦାୟର ବ୍ୟକ୍ତି ରସିଦ୍ ଖାଁ ଙ୍କ ଠାରୁ ଅନ୍ୟ ମାନଙ୍କଠାରୁ ସକ୍ରିୟ ସହଯୋଗ ପାଇ ପାରୁଥିବାରୁ ପୂଜା ନିରଙ୍କୁଶ ଭାବରେ ଅନୁଷ୍ଠିତ ଓ ପରିଚାଳିତ ହୋଇ ପାରୁଛି । ନସୀର୍ ଖାଁ , ମହମ୍ମଦ ସଲିମ୍, ମହମ୍ମଦ୍ ସିଦ୍ଦିକ୍ , ରୋସନ୍ ଖାଁ, ମହମ୍ମଦ୍ ଅଜିଜ୍,ଙ୍କ ପରି ଅନେକ ମୁସଲ୍‌ମାନ୍ ସ–ଦାୟର ଯୁବକ ଏହି ଯାତ୍ରାରେ ନିଜକୁ ସାମିଲ୍ କରୁଥିବା ଯୋଗୁଁ ସା–ଦାୟିକ ସଦ୍ଭାବ ବୃଦ୍ଧି ପାଏ । ମେଲ୍‌ଛାମୁଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ମହମ୍ମଦ ରଫିକ୍ ଏହି ଜୁଗାର୍ ଯାତ୍ରାର ପୁରୋଧା ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି । ଏହି ପୂଜା କମିଟିରେ ହରିଜନ ସ–ଦାୟ ର ଶ୍ରୀ ନନ୍ଦଲାଲ୍ ଦିପ୍ ଅଦ୍ୟାବଧି ସକ୍ରିୟ ଭୂମିକା ନିର୍ବାହ କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଜାତି ଓ ଧର୍ମ ମଧ୍ୟରୁ ସୃଷ୍ଟି ହେଉଥିବା ସଂକୀର୍ଣ୍ଣ ମନୋଭାବ ର ବହୁ ଊର୍ଦ୍ଧ୍ୱରେ ଏହି ଜୁଗାର୍ ଯାତ୍ରା ।

ମାଁ କାଳୀଙ୍କ ଏହି ନିଆରା ପୂଜା ବିଧି ଏହିପରି:- ଗାଁର ସ୍ୱର୍ଗତ ନକୁଳ ବେହେରାଙ୍କ,ରମେଶ ବେହେରା, ମୋହନ ଚୌହାନଙ୍କ ଘରୁ "ପାଟ ଖଣ୍ଡା " ପୂଜା ହୋଇ ପାର– ରିକ ବାଦ୍ୟ ଓ ନୃତ୍ୟ ତାଳେ ତାଳେ ପୂଜା ସ୍ଥଳୀକୁ ଆସେ ।ପୂଜାର ମୁଖ୍ୟକର୍ତ୍ତା ଦ– ତ୍ତିଙ୍କ ସହ ଗାଁର ଅନ୍ୟାନ୍ୟ ଝିଅ ବୋହୁ ଓ ମାନସିକ କାରୀ /ମାନସିକ କାରିଣୀ ଦୀର୍ଘ ଚାରି କିଲୋମିଟର ଦୂରରେ ଥିବା ବାଟ୍ ଡେରମାର ମାଁ ମାଉଳିଙ୍କ ପୀଠ ସନ୍ନିକଟ ଝରଣା ରୁ ଜଳ କଳସୀ ମାନଙ୍କରେ ଆଣି ଖାଲି ପାଦରେ ଚାଲି ଚାଲି ମାଙ୍କ ପୂଜା ପୀଠ କୁ ଆସନ୍ତି ।ଏହାକୁ କଳସ ଯାତ୍ରା କୁହାଯାଏ ।ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ଜଳ କୁଚିପାଲିର ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଚିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଭିକ୍ଟୋରିଆ ସାଗରର ଜଳ । ଏହି କଳସ ଯାତ୍ରା ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ । ଘଣ୍ଟ ବାଦ୍ୟ ଓ ପାରଂପରିକ ନୃତ୍ୟର ଅପୂର୍ବ ସମନ୍ୱୟରେ ଏମାନେ ଗ୍ରାମ ପରିକ୍ରମା କରିବା ପରେ ମାଁଙ୍କ ଠାରେ କଳସ ସ୍ଥାପନା କରି ଥାଆନ୍ତି । ଦୀପାବଳୀ ରାତ୍ରିରେ ମାଁଙ୍କ ଠାରେ ପୂଜା ଆରମ୍ଭ ହୋଇଥାଏ । ଏହାର ପରଦିନ ଜୁଗାର ସମର୍ପଣର ଦିବସ । ଏକୋଇଶ ଡାମ୍ବି (ଏକ ଡାମ୍ବି ଅର୍ଥାତ୍ ପାଖା ପାଖି ଏକ କେଜି) ଧାନର ଲିଆ (ଖଇ) ଏବଂ ଦଶ କେଜି ଗୁଡ଼ ରେ ପ୍ରସ୍ତୁତ ଏକ ବିରାଟ ଜୁଗାର କୁ ବିଭିନ୍ନ ଫୁଲ , ପତ୍ର, ରଙ୍ଗୀନ୍ କାଗଜ, ଜରିମାଳ ଇତ୍ୟାଦି ରେ ସୁସଜ୍ଜିତ କରି ଜୁଗାର ଉପରେ ଏକ ନାଲି ପତାକା ଦେଇ ସାରିବା ପରେ କଳସ ଓ ଦୀପ ଦ୍ୱାରା ବନ୍ଦନା କରି ହୁଳହୁଳୀ ସହ ତାକୁ ମାଁଙ୍କ ଠାକୁ ପଠାଇ ଦିଆଯାଏ ।ଏହାକୁ ବହନ କରିବା ପାଇଁ ଭାରୁଆ ମାନେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥାଆନ୍ତି ଦ୍ୱି ପ୍ରହର ସମୟରେ ଗାଁରେ ପ୍ରତ୍ୟେକ ମାନସିକ କାରୀ /ମାନସିକ କାରିଣୀଙ୍କ ଘରୁଏବଂ ଅନ୍ୟ ସ୍ଥାନରୁ ଆସି ପହଞ୍ଚିଯାଏ ଜୁଗାର ଗୁଡ଼ିକ । ଶୋଭାଯାତ୍ରାର ସର୍ବାଗ୍ରେ ସ୍ୱର୍ଗତ ସା ଙ୍କ ପରିବାର ତରଫରୁ ଶ୍ରୀ ସୁବାଷ ସା ଓ ରମାକାନ୍ତ ସା ଅର୍ପଣ କରୁଥିବା ଜୁଗାର ଶୋଭା ପାଇଥାଏ ।ଘଣ୍ଟବାଦ୍ୟ , ଅନେକ ପାର– ରିକ ନୃତ୍ୟ ,ଓ କୃଷ୍ଣଗୁରୁ ଭଜନର ତାଳେ ତାଳେ ଭାରୁଆ ମାନଙ୍କ ଦ୍ୱାରା ସୁସଜ୍ଜିତ ଜୁଗାର ଗୁଡ଼ିକ ଗାଁ ଦାଣ୍ଡ ପରିକ୍ରମଣ କରି ମାଁଙ୍କ ଠାରେ ସମର୍ପିତ ହୋଇଥାଏ । ଲୋକସଂସ୍କୃତି କୁ ବଞ୍ଚାଇ ରଖିବା ଏହି ଯାତ୍ରା ର ଅନ୍ୟ ଏକ ମହତ୍ ଉଦ୍ଦେଶ୍ୟ ଯେପରି । କଳସ ଯାତ୍ରା ପରେଏହି ଜୁଗାର ଯାତ୍ରା ସମସ୍ତ ଗ୍ରାମବାସୀ ପଡୋଶୀ ତଥା ବନ୍ଧୁ ପରିଜନଙ୍କ ପାଇଁ ଏକ ଅପାସୋରା ଅନୁଭୂତି ଅଟେ । ନିଜ ଆଖିରେ ନଦେଖିଲେ ଏହାର ଅନନ୍ୟ ଅନୁଭୂତି କୁ ବିଶ୍ୱାସ କରି ହୁଏ ନାହିଁ ।

କୁଚିପାଲିର ବିଶେଷତ୍ୱ ହେଲା ଏହି ଜୁଗାର ନିର୍ମାଣର କାରୀଗରଙ୍କ ସୁକ୍ଷ୍ମ କଳା କୌଶଳର ଚମତ୍କାରିତା । ଛଅ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଜୁଗାରର ପ୍ରସ୍ତୁତି ଶେଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥାଏ । ରଙ୍ଗୀନ କାଗଜ, ଫୁଲ , ସୋଲ ଆଦିରେ ଅପୂର୍ବ ଭାବରେ ସଜ୍ଜିତ ଏହି ଜୁଗାର ଏ ଶୋଭାଯାତ୍ରାକୁ ଆହୁରି ସୁନ୍ଦର କରି ଗଢି ତୋଳେ । ଜୁଗାରର ମୌଳିକ ବିଶେଷତ୍ୱ କୁ ଅକ୍ଷୁର୍ଣ୍ଣ ରଖି ସଂପ୍ରତି ଭିନ୍ନଭିନ୍ନ ଶୈଳୀର ପ୍ରୟୋଗାତ୍ମକ ଜୁଗାର୍ ମାଁଙ୍କ ଠାରେ ଅର୍ପଣ କରାଯାଉଛି । ମାଁଙ୍କ ମୃଣ୍ମୟୀ ମୂର୍ତ୍ତୀ ତିଆରି , ତାହାର ସଜ୍ଜିକରଣ ଏ ସମସ୍ତ ଦାୟୀତ୍ୱ ଥାଏ ଯଥାକ୍ରମେ ଗାଁର କୁଶଳୀ କାରୀଗର ଗୋବିନ୍ଦ ମେହେର ଓ ପ୍ରେମ ମେହେରଙ୍କ ନିକଟରେ । ମେହେନ୍ତରାଣୀ ଠାରୁ ଆରମ୍ଭକରି ଗାଁର ପ୍ରତ୍ୟେକ ବ୍ୟକ୍ତି ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖିଥାନ୍ତି । ପ୍ରତ୍ୟେକ ଗ୍ରାମବଧୂ ବ୍ୟସ୍ତ ଥାଆନ୍ତି ଅନେକ ଦିନରୁ ଗ୍ରାମକୁ ତଥା ଆପଣା ଗୃହକୁ ପରିଷ୍କାର ପୂର୍ବକ ଲିପାପୋଛା କରିବାରେ ତଥା ଘରକୁ ବନ୍ଧୁ ପରିଜନଙ୍କୁ ସାଦର ନିମନ୍ତ୍ରଣ କରିବାରେ । ଭାରତୀୟ ପର- ରାର ଏକ ବଳିଷ୍ଠ ମନ୍ତ୍ର '' ଅତିଥି ଦେବୋ ଭବ '' କୁ ସାକାର କରେ ।ଏହା ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନର ଭାରତରେ ସ୍ଥାନ ପାଇଥିବା ''ସ୍ୱାବଲମ୍ବନଶୀଳତା'' ର ଏକ ଜ୍ୱଳନ୍ତ ଉଦାହରଣ ।

ମାଁଙ୍କ ଠାରେ ସମର୍ପିତ ଜୁଗାର ଗୁଡ଼ିକୁ ବିଭିନ୍ନ ଗ୍ରାମର ଲୋକମାନଙ୍କୁ ବାଣ୍ଟି ଦିଆଯାଏ । ଏହି ଗାଁ ଟି ରାଜ୍ୟ ରାଜପଥର ପାର୍ଶ୍ୱ ରେ ଅବସ୍ଥିତ ଥିବାରୁ ପ୍ରତ୍ୟେକ ଯାନ ବାହନର ଯାତ୍ରୀ ମାନଙ୍କୁ ମଧ୍ୟ ପ୍ୟାକେଟ୍ ଜରିଆରେ ବିତରଣ କରାଯାଇଥାଏ ଅନେକ ଦିନ ପର୍ଯ୍ୟନ୍ତ । ୧୯୯୯ ମହାବାତ୍ୟା ସମୟରେ ସମସ୍ତ ଜୁଗାର କୁ ଉପକୂଳ ଅଞ୍ଚଳକୁ ପଠାଇ ଦିଆଯାଇଥିଲା ।

୨୦୦୯ ମସିହା ତଥା ଚଳିତ ବର୍ଷ ପାଇଁ ସଭାପତି ରସିଦ୍ ଖାଁ ଓ ସ- ାଦକ ନବୀନ ସାହୁ ଙ୍କ ନେତୃତ୍ୱରେ ଜୁଗାର ଯାତ୍ରାର ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି । ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା ଚଳିତ ବର୍ଷ ପାଇଁ କର୍ତ୍ତା ରୂପେ ମାଁଙ୍କ ସେବା କରିବାର ସୁଯୋଗ ଲାଭ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଗୌରୀ ଶଙ୍କର ଦେବତା ଦୀର୍ଘ ୨୫ ବର୍ଷ ଧରି ମାଁଙ୍କ ରୂପେ ପୂଜା କାର୍ଯ୍ୟ ସ- ନ୍ନ କରୁଛନ୍ତି । ଏହି ଅବସରରେ ପୂଜାର ସ୍ମରଣୀକା '' ଜୁଗାର୍ '' ପ୍ରକାଶ ପାଉଛି । ଏ ବର୍ଷ ୨୧ ଖଣ୍ଡି (୪୪୧ ତାମି) ଧାନରେ ପ୍ରସ୍ତୁତ ''ରୁପା ଜୁଗାର୍'' ମାଁଙ୍କ ଠାରେ ଅର୍ପଣ କରାଯିବାର ଯୋଜନା ଅଛି ।

ସା-୍ରଦାୟିକତା ତଥା ବଳିପ୍ରଥାରୁ ଖୁବ୍ ଉର୍ଦ୍ଧ୍ୱରେ ରହି ଶକ୍ତି ପୂଜା କରିବାର ଏହି ଅନନ୍ୟ ବିଧି ଯୁଗ ଯୁଗ ବ୍ୟାପି ବଞ୍ଚିରହୁ । ଏ ଯାତ୍ରା ଆହୁରି ମନୋରମ ଏବଂ ସରସ ସୁନ୍ଦର ହେଉଥାଉ । ଅଞ୍ଚଳର ପ୍ରତ୍ୟେକେ ଏହାକୁ ମନଭରି ଉପଭୋଗ କରନ୍ତୁ, ଦେଶ ବିଦେଶରେ ଏହାକୁ ଲୋକେ ଅବଲୋକନ କରିବାର ସୁଯୋଗ ପାଆନ୍ତୁ ସ୍ୱଚକ୍ଷୁରେ ଅବା ଗଣମାଧ୍ୟମ ଜରିଆରେ , ସବୁ ସତ୍ତ୍ୱେ ଏହି ଜୁଗାର ଯାତ୍ରା ଇତିହାସ ସୃଷ୍ଟି କରୁ ସମୟ ବକ୍ଷରେ ଏହା ହିଁ କରୁଣାମୟୀ ମାଙ୍କ ଠାରେ ଆମର ବିନମ୍ର ପ୍ରାର୍ଥନା ।

ବିକାଶ ଶିକ୍ଷାନୁଷ୍ଠାନ , ବରଗଡ଼
samarendranath.panda@gmail.com